# ବ୍ରହ୍ମପୁର ପୌର ନିର୍ବାଚନରେ ହ୍ରାସ ପାଇଛି ମତଦାନ

■ ୱାର୍ଡ ପୁନର୍ଗଠନ, ଭୋଟର ତାଲିକା ସଂଶୋଧନରେ ବିଭ୍ରାଟ ଅଭିଯୋଗ
■ ବୁଥ୍ ବାହୁଡ଼ା ମତରେ ଆଗୁଆ ବିଜେଡି

**ବ୍ରହ୍ମପୁର ଅଫିସ,୨୫।୩**

ବ୍ରହ୍ମପୁର ମହାନଗରରେ ୮ ବର୍ଷ ପରେ ହୋଇଥିବା ପୌର ନିର୍ବାଚନର ଭୋଟ ଗଣତି ଶନିବାର ସକାଳୁ ଆରମ୍ଭ ହୋଇ ଅପରାହ୍ନ ସୁଦ୍ଧା ଫଳାଫଳ ଘୋଷଣା ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ନିର୍ବାଚିତ ମେୟର ଓ କର୍ପୋରେଟରମାନେ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିବେ। ଫଳରେ ସାଢ଼େ ୩ ବର୍ଷ ଧରି ସ୍ୱାୟତ୍ତ ଶାସନ ସଂସ୍ଥାରେ ଚାଲିଥିବା ଅମଲାତନ୍ତ୍ର ରାଜୁତିର ଅନ୍ତ ଘଟିବ। ସୂଚନାଯୋଗ୍ୟ ୨୦୧୩ ସେପ୍ଟେମ୍ବରରେ ପୌର ନିର୍ବାଚନ ହୋଇଥିଲା। ଏହାର ୫ ବର୍ଷିଆ କାର୍ଯ୍ୟକାଳ ୨୦୧୮ ସେପ୍ଟେମ୍ବର ୩୦ରେ ସରିଥିଲା। ୨୦୧୮ ଅକ୍ଟୋବର ପହିଲାରୁ ମହାନଗର ନିଗମ ସରକାରଙ୍କ ନିୟନ୍ତ୍ରଣକୁ ଯାଇଥିଲା। ଗଞ୍ଜାମ ଜିଲାପାଳଙ୍କୁ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

ପୁରାତନ ବ୍ରହ୍ମପୁର ପୌରପାଳିକା ସଂସ୍ଥାକୁ ୨୦୦୯ ଶେଷ ବେଳକୁ ମ୍ୟୁନିସିପାଲ କର୍ପୋରେଶନ ମାନ୍ୟତା ମିଳିଥିଲା। ଏବେ ଏହାକୁ ୧୪ ବର୍ଷ ବିତିଛି ଏବଂ ପ୍ରଥମ କରି ମେୟର ନିର୍ବାଚନ ପ୍ରତ୍ୟକ୍ଷ ଭାବେ ହୋଇଛି। ମେୟର ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ୭ ଜଣ ମଇଦାନକୁ ଓହ୍ଲାଇଥିଲେ। ରାଜନୀତିରେ ପୁରୁଣା ବିଜେଡି ପ୍ରାର୍ଥିନୀଙ୍କୁ ୬ ଜଣ ନୂଆ ମୁହଁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ତେବେ ଲଢ଼େଇ ମୁଖ୍ୟତଃ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ହୋଇଛି। ଭୋଟ ବାହୁଡ଼ା ମତ ସଂଗ୍ରହ ବେଳେ ବିଜେଡି ଆଗୁଆ ରହୁଛି। ତଥାପି ଭାଜପା ଓ କଂଗ୍ରେସ ପ୍ରାର୍ଥିନୀ ଜିତିବା ଆଶା କରୁଛନ୍ତି। ପୌର ନିର୍ବାଚନରେ ବ୍ରହ୍ମପୁର ମହାନଗରରେ ମାତ୍ର ୫୨.୩୫% ମତଦାନ ହୋଇଛି। ଏହା ବିଭିନ୍ନ ଦଳ ଓ କର୍ପୋରେଟର ଏବଂ ମେୟର ପ୍ରାର୍ଥୀଙ୍କୁ ଚିନ୍ତାରେ ପକାଇ ଦେଇଛି। ବ୍ରହ୍ମପୁରରେ ଅନେକ ପୌର ନିର୍ବାଚନ ହୋଇଛି। ତେବେ ଚଳିତଥର ଏତେ କମ ଭୋଟ ହାର ପ୍ରଥମ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ୱାର୍ଡ ପୁନର୍ଗଠନ ଏବଂ ଭୋଟର ତାଲିକା ସଂଶୋଧନରେ ବିଭ୍ରାଟ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ବହୁ ଅଭିଯୋଗ ହୋଇଛି। କେତେକ କ୍ଷେତ୍ରରେ ଗୋଟିଏ ପରିବାର ସଦସ୍ୟଙ୍କ ମଧ୍ୟରେ ଭିନ୍ନ ଭିନ୍ନ ବୁଥରେ ମତଦାନ କରିବା ଏବଂ କମାପଲ୍ଲୀ ଇଲାକାର ଅନେକ ଭୋଟରଙ୍କ ମେଡିକାଲ କ୍ୟାମ୍ପସ ବୁଥଗୁଡ଼ିକରେ ମତଦାନ ବ୍ୟବସ୍ଥା ହୋଇଥିଲା। କପିଳେଶ୍ୱର ପୀଠ ଅଞ୍ଚଳର ଭୋଟର ଆଗାସାହି ଭୋଟ ଗ୍ରହଣ କେନ୍ଦ୍ରକୁ ଯିବାକୁ ତାଲିକାରେ ଦର୍ଶାଯାଇଥିଲା। ଏଭଳି କାରଣରୁ ବହୁ ସଂଖ୍ୟକ ଭୋଟର ମତଦାନରୁ ବଞ୍ଚିତ ହୋଇଥିବା ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ନିର୍ଦ୍ୱନ୍ଦ୍ୱ ବିଜେଡି କର୍ପୋରେଟର ସୁରେନ୍ଦ୍ର ମହାରଣାଙ୍କ ସମେତ ଆଉ କେତେକ ସଚେତନ ବ୍ୟକ୍ତି ଅଭିଯୋଗ କରିଛନ୍ତି। ୱାର୍ଡ ପୁନର୍ଗଠନ ଓ ଭୋଟର ତାଲିକା ସଂଶୋଧନରେ ଅନଭିଜ୍ଞ ଅଙ୍ଗନୱାଡ଼ି କର୍ମୀ ଏବଂ ଅନ୍ୟମାନଙ୍କୁ ନିୟୋଜିତ କରାଯାଇଥିବା ଯୋଗୁ ବିଭ୍ରାଟ ଘଟିଥିବା କୁହାଯାଇଛି। ସହରର ଅନେକ ଲୋକଙ୍କ ଭୋଟର ତାଲିକାରେ ନାଁ ନଥିବାରୁ ସେମାନେ ମତଦାନରୁ ବଞ୍ଚିତ ହୋଇଛନ୍ତି।

ଅପରପକ୍ଷରେ ଶାସକ ଦଳର ମେୟର ଓ କର୍ପୋରେଟର ପ୍ରାର୍ଥୀମାନେ ନବୀନଙ୍କ ନାଁ ଏବଂ ସରକାରୀ ସଫଳତାକୁ ପ୍ରସଙ୍ଗ କରି ନିର୍ବାଚନୀ ପ୍ରଚାର କରିଥିଲେ ଏବଂ ଲକ୍ଷାଧିକ ମହିଳା ଭୋଟରଙ୍କୁ ମନାଇବାର ପ୍ରୟାସ କରିଥିଲେ। ଫଳରେ ଶଙ୍ଖ ଚିହ୍ନକୁ ମତହାର ଅଧିକ ଥିବା ଚର୍ଚ୍ଚା ହେଉଛି। ରାଜ୍ୟ ସରକାର ଓ ନିଗମ ବିରୋଧରେ ଗଦା ଗଦା ଅଭିଯୋଗକୁ ପ୍ରଚାରରେ ବିରୋଧୀ ପ୍ରସଙ୍ଗ କରିପାରିନଥିବା ମଧ୍ୟ ଆଲୋଚନା ପରିସରକୁ ଆସିଛି। ତେଣୁ ଭୋଟ ଫଳାଫଳକୁ ନଜର ରଖାଯାଇଛି।

## ସଂକ୍ଷେପରେ

### ସଚେତନତା କାର୍ଯ୍ୟକ୍ରମ

ଆସିକା,୨୫।୩ (ଡି.ଏନ.ଏ):ଆସିକା ବ୍ଲକର ଦନ୍ତାରିବଗଡ ଗ୍ରାମରେ ଶୁକ୍ରବାର ମୋ ଗେହ୍ଲା ଝିଅ, ନିର୍ଭୟ କଢ଼ି ଓ ବେଟି ବଚାଅ ବେଟି ପଢ଼ାଅ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଡିପିଓ ଭାରତୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା କମିଟିର ତାଲିମ ସଂଯୋଜକ ଶିବ ପ୍ରସାଦ ରଥ ଓ ସାଧନ କର୍ମୀ ବୃନ୍ଦାବନ ପଣ୍ଡା ଯୋଗଦେଇ କନ୍ୟା ଭ୍ରୁଣ ହତ୍ୟା ବିରୋଧରେ ସଚେତନତା ସୃଷ୍ଟି କରିବା, ଶିଶୁ କନ୍ୟାଙ୍କୁ ଶିକ୍ଷିତ କରାଇ ସାମାଜିକ ସ୍ରୋତରେ ସାମିଲ କରିବା ସହ ପୁଅ ଝିଅ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂରେଇବା ଦିଗରେ ଯତ୍ନବାନ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଜଣେ ଶିଶୁ କନ୍ୟାଙ୍କ ପରିବାରକୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ପ୍ରାଣୀ ଚିକିତ୍ସା, ସଚେତନତା ଶିବିର

ଜଗନ୍ନାଥପ୍ରସାଦ,୨୫।୩(ଡି.ଏନ.ଏ.) ଜଗନ୍ନାଥପ୍ରସାଦ ବ୍ଲକ ଅଢ଼େଇ ଗାଁ ପଞ୍ଚାୟତ ବେଲକିଆରୀ ଅଞ୍ଚଳରେ ଶୁକ୍ରବାର ଆସ୍କାର୍ଡ ସ୍କିମ୍ ସହଯୋଗରେ ଏକ ମେଗା ପ୍ରାଣୀ ଚିକିତ୍ସା ଓ ସଚେତନ ଶିବିର ଆୟୋଜିତ ହୋଇଯାଇଛି। ଜଗନ୍ନାଥପ୍ରସାଦ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ନୀହାର ରଞ୍ଜନ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ସମ୍ପାଦନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଣୀଧନ ନିରୀକ୍ଷକ ଓ ପ୍ରାଣୀ ମିତ୍ର ସହଯୋଗରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଚିକିତ୍ସା କରାଯିବା ସହ ବିଭିନ୍ନ ଗୃହପାଳିତ ପଶୁ ପକ୍ଷୀମାନଙ୍କ ରୋଗ ଆଦିର ଔଷଧ ବିନା ଦେୟରେ ବଣ୍ଟନ କରାଯାଇଥିଲା। ତାରାସିଂ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡା.ବିଜୟିନୀ ପଣ୍ଡା, ସ୍ଥାନୀୟ ଏଲଆଇ ଅଶୋକ ବିଷୋୟୀ, କର୍ମଚାରୀ ହରିହର ସାହୁ ପ୍ରମୁଖ ଉପସ୍ଥିତ ରହି ଚିକିତ୍ସା ଓ ଟିକାକରଣ କାର୍ଯ୍ୟରେ ସହଯୋଗ କରିଥିଲେ।

### ଇଭିଏମ୍ ଗଡ଼ବଡ଼ ଆଶଙ୍କା ରାତ୍ରି ପହରା ଦେଲେ ପ୍ରାର୍ଥୀଙ୍କ ଏଜେଣ୍ଟ

କାଶୀନଗର,୨୫।୩-କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଭୋଟ ପ୍ରକ୍ରିୟା ସରିଛି। ଏଠାରେ ଶାସକ ବିଜେଡି ଦଳ ଓ ଭାଜପା ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଛି। କିନ୍ତୁ ଇଭିଏମ ଗଡ଼ବଡ଼ ହୋଇଯିବା ଆଶଙ୍କା ରହିଥିବା ସନ୍ଦେହରେ ପ୍ରାର୍ଥୀଙ୍କ ଏଜେଣ୍ଟମାନେ ଜଗି ରହିଛନ୍ତି। ୨୦ କାଉନସିଲର ପ୍ରାର୍ଥୀଙ୍କ ଫଳାଫଳ ଶନିବାର ପ୍ରକାଶ ପାଇବ।

### ଲୁହାଙ୍ଗର ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ

ନୂଆଗଡ଼,୨୫।୩-ନୂଆଗଡ଼ ବ୍ଲକ ଲୁହାଙ୍ଗର ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ସୁବାସିନୀ ମଣ୍ଡଳ ଦାୟିତ୍ୱ ଗ୍ରହଣ କରି ତାଙ୍କ ନେତୃତ୍ୱ ଓ ସଭାପତିତ୍ୱରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ପଞ୍ଚାୟତର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଏବ ସରପଞ୍ଚ ରାଜୀବ ମଣ୍ଡଳ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଚ୍ଚନା ନାୟକ, ଜିଆରଏସ୍ ୱାଇ ତ୍ରିପତି, ଗ୍ରାମସଭା ମୋବିଲାଇଜର ମୋନିକା ଲିମା ଉପସ୍ଥିତ ଥିଲେ। ପ୍ରଥମେ ଗାନ୍ଧୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ନିଜ ନିଜ ପରିଚୟ ପ୍ରଦାନ କରିଥିଲେ। ତାପରେ ପଞ୍ଚାୟତବାସୀଙ୍କ ମୌଳିକ ସମସ୍ୟାର ସମାଧାନ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଚ୍ଚନା ନାୟକ ଏହି ବୈଠକକୁ ପରିଚାଳନା କରିଥିଲେ।

# ଗଣତି କେନ୍ଦ୍ର ଅନୁଧ୍ୟାନ କଲେ ଅଧିକାରୀ

**ଆଜି ମହାନଗର ନିର୍ବାଚନ ଫଳାଫଳ**

**ବ୍ରହ୍ମପୁର ଅଫିସ,୨୫।୩**

ବ୍ରହ୍ମପୁର ମହାନଗର ନିର୍ବାଚନ ଫଳାଫଳ ଶନିବାର ଜଣାପଡ଼ିବ। ୟୁସିପି ଇଞ୍ଜିନିୟରିଂ ସ୍କୁଲଠାରେ ଭୋଟ ଗଣତି କରାଯିବ। ପୂର୍ବାହ୍ନ ୮ଠାରୁ ଗଣତି ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ନ ୪ଟା ବେଳକୁ ବୃତାନ୍ତ ଫଳାଫଳ ପ୍ରକାଶ ପାଇବ ବୋଲି ପୌର ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଭି.କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି। ଏ ନେଇ ସମସ୍ତ ପ୍ରସ୍ତୁତି ସରିଛି। ଭୋଟ ଗଣତି କେନ୍ଦ୍ରରେ କିଭଳି ପ୍ରସ୍ତୁତି ରହିଛି ସେ ନେଇ ଶୁକ୍ରବାର ପୌର ନିର୍ବାଚନ ଅଧିକାରୀଙ୍କ ସମେତ ଅତିରିକ୍ତ ଏସପିଅସିମ ପଣ୍ଡା, ଏସଡିପିଓ ବିଷ୍ଣୁ ପତି ପ୍ରମୁଖ ଅନୁଧ୍ୟାନ କରିଥିଲେ। ସୂଚନା ଅନୁଯାୟୀ, ଏହି ଗଣତି କେନ୍ଦ୍ରରେ ୨୦ଟି କାଉଣ୍ଟର ରହିବ। ସେଥିମଧ୍ୟରୁ ୧୦ଟିରେ କର୍ପୋରେଟର ଓ ୧୦ଟିରେ ମେୟର ପ୍ରାର୍ଥିନୀଙ୍କ ଭୋଟ ଗଣତି କରାଯିବ। ପ୍ରତି କାଉଣ୍ଟର ପାଖରେ ଜଣେ ଲେଖାଏ ଗଣତି ପର୍ଯ୍ୟବେକ୍ଷକ, ସହକାରୀ ଗଣତି ଅଧିକାରୀ ଓ ଗୃହରକ୍ଷୀ ରହିବେ। ଏଥିସହ ଗଣତି କାଉଣ୍ଟର ନିକଟରେ କର୍ପୋରେଟର ଓ ମେୟରଙ୍କ ଜଣେ ଲେଖାଏ ପ୍ରତିନିଧି ରହିବେ। ବୁଥ ଅନୁଯାୟୀ ଇଭିଏମ ଗଣତି କାଉଣ୍ଟର ପାଖକୁ ପଠାଯିବ। ଗଣତିରେ ନିୟୋଜିତ ହେବାକୁ ଥିବା ଅଧିକାରୀଙ୍କୁ ପୂର୍ବରୁ ତାଲିମ ପ୍ରଦାନ କରାଯାଇଛି। ଗଣତି କେନ୍ଦ୍ର ପରିସରରେ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରାଯାଇଛି। ଗଣତି କେନ୍ଦ୍ରରେ ଅନୁମତି ପାଇଥିବା ବ୍ୟକ୍ତି ବିଶେଷ ବ୍ୟତୀତ ଯେଭଳି ଅନ୍ୟ କେହି କେନ୍ଦ୍ର ଭିତରକୁ ପ୍ରବେଶ ନ କରିବେ ସେ ନେଇ ପୋଲିସ ପହରା କଡାକଡି କରାଯାଇଛି।



ପୌର ନିର୍ବାଚନ ଅଧିକାରୀ ଓ ପୋଲିସ ଅଧିକାରୀମାନେ ଭୋଟ ଗଣତି କେନ୍ଦ୍ର ପରିଦର୍ଶନ କରୁଛନ୍ତି।

# ଚିକିଟି ରାଜନୈତିକ ହିଂସା ଘଟଣା, ୫ ଜେଲ ଗଲେ

**ଚିକିଟି,୨୫।୩(ଡି.ଏନ.ଏ.)**

■ ସମସ୍ତ ବୁଥ୍‌ରେ ରିଗିଂ ଅଭିଯୋଗ
■ ପୁନଃଭୋଟ କରିବାକୁ ଦାବି

ଗଞ୍ଜାମ ଜିଲା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ଗୁରୁବାର ନିର୍ବାଚନ ଚାଲିଥିବା ବେଳେ ରାଜନୈତକ ହିଂସା ଘଟିଥିଲା। ଏହି ଘଟଣାରେ କେ.ନୂଆଗାଁ ପୋଲିସ ଶୁକ୍ରବାର ୫ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଚିକିଟି ପେଣ୍ଠର ୩ଜଣ, ଭୋଲାସିଙ୍ଗିର ଜଣେ ଏବଂ ରାଧାମୋହନପୁର ଗ୍ରାମର ଜଣେ ବୋଲି ଜଣାପଡ଼ିଛି । ସମସ୍ତଙ୍କୁ ପାତ୍ରପୁର କୋର୍ଟକୁ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି। ସୂଚନାଯୋଗ୍ୟ, ଗୁରୁବାର ୧୨ଟି ୱାର୍ଡରେ ମତଦାନ ଚାଲିଥିଲା। ଭାଜପା ଅଧ୍ୟକ୍ଷା ପ୍ରାର୍ଥୀ ପୁଷ୍ପାଞ୍ଜଳି ସେଠୀଙ୍କ ଘରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ତାଙ୍କ ସ୍ତ୍ରୀ ମୀନାଙ୍କ ସମେତ କିଛି ଭାଜପା କର୍ମୀ ଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଘର ଭିତରକୁ ଟେକାପଥର ଫୋପାଡିବା ସହ କାର ଓ ବାଇକ୍‌ଗୁଡ଼ିକୁ ଭଙ୍ଗାରୁଜା କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ମନୋରଞ୍ଜନଙ୍କ ଏତଲା କ୍ରମେ ନଂ. ୭୭/୨୨ରେ ମାମଲା ରୁଜୁ ହୋଇଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଅପରପକ୍ଷେ ଚିକିଟି ଏନଏସି ନିର୍ବାଚନ ଚାଲିଥିବା ବେଳେ ସମସ୍ତ ବୁଥ୍‌ରେ ରିଗିଂ ହୋଇଛି। ଏଣୁ ପୁନଃ ମତଦାନ ପାଇଁ ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଭାଜପା ଅଧ୍ୟକ୍ଷା ପ୍ରାର୍ଥୀ ପୁଷ୍ପାଞ୍ଜଳି ସେଠୀ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଲିଖିତ ଅଭିଯୋଗ ଜଣାଇଛନ୍ତି।



ରାଜ୍ୟ ନିର୍ବାଚନ କମିଶନରଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି ଭାଜପା ନେତା।

# ସରିଲା ହୁମ୍ମା ଖଣ୍ଡଦେଉଳୀ ପଞ୍ଚୁଦୋଳ ଯାତ୍ରା



ମେଳନ ପଡିଆରେ ଦୋଳ ଠାକୁର।

**ଗଞ୍ଜାମ,୨୫।୩(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ହାଟ ପଡିଆଠାରେ ହେଉଥିବା ପ୍ରସିଦ୍ଧ ପଞ୍ଚୁ ଦୋଳ ଯାତ୍ରା ଉତ୍ସାହ, ଉଦ୍ଦିପନା, ପ୍ରବଳ ଜନସାମଗ ମଧ୍ୟରେ ଗୁରୁବାର ଆରମ୍ଭ ହୋଇ ଶୁକ୍ରବାର ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ପଞ୍ଚୁ ଦୋଳ ଯାତ୍ରାକୁ ଆସୁଥିବା ସମସ୍ତ ଠାକୁରମାନେ ନିଜ ନିଜ ଗ୍ରାମରେ ବିରାଟ ଶୋଭାଯାତ୍ରାରେ ବାଦ୍ୟ, ବାଜଣା ବଜାଇ ପରିକ୍ରମା ପରେ ହୁମ୍ମା ସ୍ଥିତ ୧୬ ନମ୍ବର ଜାତୀୟ ରାଜପଥରେ ଏକତ୍ରିତ ହୋଇଥିଲେ। ସେଠାରୁ କ୍ରମନ୍ୱୟରେ ଠାକୁରମାନେ ଯାତ୍ରା ପଡିଆ ଅଭିମୁଖେ ବାହାରିଥିଲେ। ଗଡ଼ ହୁମ୍ମା ଛକ ଠାରେ ଗଡ଼ ହୁମ୍ମା ଠାକୁର ପହଞ୍ଚିବା ପରେ ହରି ହର ଭେଟ କାର୍ଯ୍ୟକ୍ରମ ହୋଇଥିଲା। ହୁଳହୁଳି ହରିବୋଲ ଶବ୍ଦରେ ସେହି ଅଞ୍ଚଳ ପ୍ରକମ୍ପିତ ହୋଇଥିଲା ଓ ସେଠାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରେ ସମସ୍ତ ଠାକୁର ପୁଣି ଯାତ୍ରା ପଡିଆକୁ ଯାଇଥିଲେ। ପୂର୍ବରୁ ନିର୍ଦ୍ଧାରିତ ସ୍ଥାନରେ ଠାକୁରମାନେ ବସିଥିଲେ। ସେହି ସ୍ଥାନରେ ମୃଦଙ୍ଗ, ଘଣ୍ଟ, ତାଳ ଆଦି ପରିବେଷଣ ହୋଇଥିଲା। ସନ୍ଧ୍ୟାରୁ ଦୁଇଟି ରାମାୟଣ ନାଟକ ଆରମ୍ଭ ହୋଇ ଶୁକ୍ରବାର ଯାଏ ଚାଲିଥିଲା। ପରେ ସମସ୍ତ ଠାକୁରଙ୍କ ମିଳନ ପର୍ବ ହୋଇ ପୁଣି ଠାକୁରମାନେ ଅପରାହ୍ନରେ ନିଜ ନିଜ ଗ୍ରାମ ମନ୍ଦିରକୁ ଫେରି ଯାଇଥିଲେ। ଏହି ଯାତ୍ରାକୁ ହୁମ୍ମା ଗ୍ରାମର ବିଭିନ୍ନ ସାହି ଯଥା ବଡ଼ ସାହି, ଗୋପୀନାଥ ସାହି, କେଉଟ ସାହି ଓ ଅନ୍ୟାନ୍ୟ ସାହିର ଛଅଟି ଠାକୁର ଏବଂ କଣ୍ଟିଆଗଡ଼, ଖଟୁଆକୁଦା, ଝାଡ଼କୁଦା, ଗଡ଼ହୁମ୍ମା, ବେଲପଡା, କଳାଯମୁନା, ଲୁଂଘୁରି ମୋଟ ୧୩ ଠାକୁର ଏହି ଯାତ୍ରାକୁ ଆସିଥାନ୍ତି। ସେହିପରି ଖଣ୍ଡଦେଉଳୀ ଓ ବଳରାମପୁରରେ ମଧ୍ୟ ପଞ୍ଚୁଦୋଳ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଖଣ୍ଡଦେଉଳୀ ଯାତ୍ରା ପଡିଆରେ ୧୬ ଠାକୁର ନିଜ ନିଜ ପିଣ୍ଡିରେ ବିରାଜମାନ କରିଥିଲେ। ରମ୍ଭା ଥାନା ଓ ହୁମ୍ମା ଫାଣ୍ଡି ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ବନ୍ଦୋବସ୍ତ ହୋଇଥିଲା। ପଞ୍ଚୁ ଦୋଳ ଯାତ୍ରା କମିଟି ଏହି ଯାତ୍ରାକୁ ପରିଚାଳନା କରୁଛନ୍ତି।

# ଗଞ୍ଜାମ ଓକିଲ ସଂଘ ନିର୍ବାଚନ ଆଜି

**ବ୍ରହ୍ମପୁର ଅଫିସ,୨୫।୩**

ଗଞ୍ଜାମ ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହେବ। ଚଳିତଥର ସମସ୍ତ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାରୁ କୋର୍ଟ ପରିସରରେ ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ ଆଣିବା ପାଇଁ ପ୍ରବର୍ତ୍ତାଉଥିବା ଦେଖିବାକୁ ମିଳୁଛି। ଓକିଲମାନଙ୍କ ଘରକୁ ଘର ଯାଇ ଏବଂ ସୋସିଆଲ ମିଡ଼ିଆରେ ମଧ୍ୟ ପ୍ରଚାର କରୁଛନ୍ତି। ଗଞ୍ଜାମ ଓକିଲ ସଂଘର ନିର୍ବାଚନରେ ସାମିଲ ହେବାପାଇଁ ୧୪୩୨ଜଣଙ୍କ ନାମ ବୃତାନ୍ତ ତାଲିକାରେ ରହିଛି ବୋଲି ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ କୁମାର ଗୌଡ଼ ସୂଚନା ଦେଇଛନ୍ତି।

ସଭାପତି ପଦବୀ ପାଇଁ ପୂର୍ବରୁ ଦୁଇ ଥର ସଭାପତି ହୋଇଥିବା କପିଳେଶ୍ୱର ପଟ୍ଟନାୟକଙ୍କ ସହ ପ୍ରଥମ ଥର ପାଇଁ ପ୍ରାର୍ଥୀ ହୋଇଥିବା କୃଷ୍ଣ ପଣ୍ଡାଙ୍କ ମଧ୍ୟରେ କଡା ଟକ୍କର ହେଉଛି। ସେହିପରି ସମ୍ପାଦକ ପଦବୀ ପାଇଁ ସୁଦର୍ଶନ ପଣ୍ଡା, ସୁଶୀଲ କୁମାର ତ୍ରିପାଠୀ, ଅନିଲ କୁମାର ପଣ୍ଡା ଓ କରୁଣାକର ପାଣିଗ୍ରାହୀଙ୍କ ମଧ୍ୟରେ ଲଢ଼େଇ ଜାରି ରହିଛି। ସହ ସମ୍ପାଦକ ପଦ ପାଇଁ ସୋମନାଥ ମହାରଣା, ବି. ଦୁର୍ଗା ରାଓ ଓ ସୁଧାଂଶୁ ସେଠୀ ନିର୍ବାଚନ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଉପସଭାପତି ପାଇଁ ବସନ୍ତ କୁମାର ରାଉତ, ଦିଲୀପ ତ୍ରିପାଠୀ ଓ ପ୍ରକାଶ ଦାଶଙ୍କ ମଧ୍ୟରେ ତ୍ରିମୁଖୀ ଲଢେଇ ହେଉଛି। ଶନିବାର ସକାଳ ୮ ଟାରୁ ଅପରାହ୍ନ ୩ ଟା ଯାଏଁ ଆଇନଜୀବୀମାନେ ମତଦାନ କରିପାରିବେ। ସନ୍ଧ୍ୟାରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ଗୌଡ଼ ସୂଚନା ଦେଇଛନ୍ତି।

### ଏସ. ରାଜେଶ୍ୱରୀ ଦୋରା ଗଞ୍ଜାମ ଜିଲାପରିଷଦ ଉପାଧ୍ୟକ୍ଷ

**ଛତ୍ରପୁର,୨୫।୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପରିଷଦ ଉପାଧ୍ୟକ୍ଷ ଭାବେ ରଙ୍ଗେଇଲୁଣ୍ଡା ବ୍ଲକର ୫୩ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଏସ. ରାଜେଶ୍ୱରୀ ଦୋରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସ୍ଥାନୀୟ ଶିବ ପଟ୍ଟନାୟକ ରିଡିଂ ରୁମ ଠାରେ ବିଜେଡି ଜିଲା ସଭାପତି ଡଃ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଦ୍ୱାରା ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନୋନୀତ ଉପାଧ୍ୟକ୍ଷ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ଘୋଷଣା ବେଳେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡଃ ଗୋପବନ୍ଧୁ ଦାଶ, ବିଧାୟକ ସୁବାସ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭାପତି ଅଞ୍ଜଳି ସ୍ୱାଇଁ, ବିଜେଡ଼ି ରାଜ୍ୟ ସମ୍ପାଦକ ସୁବାଷ ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପରିଷଦ କାର୍ଯ୍ୟାଳୟ ପରିସରରେ ନିର୍ବାଚନ ଅଧିକାରୀ ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟିଙ୍କ ନିକଟରେ ଏସ. ରାଜେଶ୍ୱରୀ ଦୋରା ଏକମାତ୍ର ପ୍ରାର୍ଥୀ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଜିଲା ପଞ୍ଚାୟତ ଅଧିକାରୀ ଗୁର ଭି ସିଂ ସହଯୋଗ କରିଥିଲେ। ଜିଲାର ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

### ନିର୍ବାଚନୀ ହିଂସା ଘଟଣା, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୨୫।୩**

ବ୍ରହ୍ମପୁର ମହାନଗରରେ ସଂଘଟିତ ଏକ ନିର୍ବାଚନୀ ହିଂସା ଘଟଣାରେ ବୈଦ୍ୟନାଥପୁର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଲାଞ୍ଜିପଲ୍ଲୀ ଢିପ ସାହିର ସୁନୀଲ ବେହେରା। ମାମଲା ନଂ. ୮୭/୨୨ରେ ସୁନୀଲଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଥାନାଧିକାରୀ ରାମ କୁମାର ମୁର୍ମୁ କହିଛନ୍ତି। ପ୍ରକାଶ ଯେ, ଲାଞ୍ଜିପଲ୍ଲୀ ରାମନଗରର ସତ୍ୟନାରାୟଣ ଜେନା ବିଏମସି ୩୬ ନଂ. ୱାର୍ଡର ଜଣେ ପ୍ରାର୍ଥୀଙ୍କ ପାଇଁ ସତ୍ୟନାରାୟଣ ପ୍ରଚାର କରୁଥିଲେ। ତାଙ୍କୁ ଏଥିରୁ ନିବୃତ୍ତ ରିବା ପାଇଁ ଅଭିଯୁକ୍ତ ତଥା ଅନ୍ୟ ଏକ ରାଜନୈତିକ ଦଳର ସୁନୀଲ ଓ ତାଙ୍କ ସମର୍ଥକମାନେ କହିଥିଲେ। ସତ୍ୟନାରାୟଣ ସେମାନଙ୍କ କଥା ନ ଶୁଣି ପ୍ରଚାର କରୁଥିଲେ। ଏହାକୁ ନେଇ ଗତ ୨୩ ତାରିଖରେ ସୁନୀଲ ଓ ତାଙ୍କର ୩୦ରୁ ଉର୍ଦ୍ଧ୍ୱ ସମର୍ଥକ ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ସୁନୀଲ ବେହେରା ଏକ ବନ୍ଧୁକ ସତ୍ୟନାରାୟଣଙ୍କ ମୁଣ୍ଡରେ ରଖି ହତ୍ୟା ଧମକ ଦେବା ସହ ବ୍ରହ୍ମପୁର ଛାଡ଼ି ଚାଲିଯିବାକୁ କହିଥିଲେ। ଉକ୍ତ ଗୋଷ୍ଠୀର ସମର୍ଥକମାନେ ସତ୍ୟନାରାୟଣ ଓ ତାଙ୍କର ୩ ସାଙ୍ଗକୁ ଆକ୍ରମଣ କରିଥିଲେ। ଅନ୍ୟ ଜଣେ ସାଙ୍ଗକୁ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି।

### ବୋଲେରୋ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ଆସିକା,୨୫।୩ (ଡି.ଏନ.ଏ.)**

ଗାଙ୍ଗପୁର ଥାନା ନିମିନା ଗ୍ରାମରେ ଶୁକ୍ରବାର ବୋଲେରୋ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ସେହି ଗ୍ରାମର କାଇଁଚ ନାଇକ (୫୦) । କାଇଁଚ ଏକ ଭୋଜିରେ ଯୋଗଦେଇ ସ୍ୱାମୀଙ୍କ ଲାଗି ଭୋଜିଭାତ ନେଇ ଚାଲି ଚାଲି ଯାଉଥିଲା ବେଳେ ବୋଲେରୋ ଧକ୍କା ଦେଇଥିଲା । ତାଙ୍କୁ ପ୍ରଥମେ ବାଲିସିରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

### ବାଇକ୍ ଧକ୍କାରେ ନାଟ୍ୟ ମ୍ୟାନେଜର ଗୁରୁତର

**ବୁଗୁଡ଼ା,୨୫।୩(ଡି.ଏନ.ଏ)**

ବୁଗୁଡ଼ା ଥାନା ଅନ୍ତର୍ଗତ ବିରଞ୍ଚିପୁର ଗ୍ରାମରେ ବାଇକ୍ ଧକ୍କାରେ ଶୁକ୍ରବାର ଜଣେ ନାଟ ମ୍ୟାନେଜର ଗୁରୁତର ହୋଇଛନ୍ତି। ସେ ହେଲେ ଆସ୍କା ଥାନା ଜୟପୁର ଗ୍ରାମର ମହାଭାରତ ନାଟ ମ୍ୟାନେଜର ଶଙ୍କର ପାତ୍ର। ବିରଞ୍ଚିପୁର ଗ୍ରାମରେ ନାଟ ହେଉଥିବାରୁ ଜୟପୁର ଗ୍ରାମର ମହାଭାରତ ନାଟ ପାର୍ଟି ଆସିଥିଲେ। ସନ୍ଧ୍ୟାରେ ମ୍ୟାନେଜର ଶଙ୍କର ଗ୍ରାମ ନିକଟ ପୋଖରୀରେ ଶୌଚ ହୋଇ ଫେରୁଥିବା ବେଳେ ଗୋଟିଏ ବାଇକରେ ୩ ଯୁବକ ପ୍ରବଳ ମଦ୍ୟପାନ କରି ବୁଗୁଡ଼ାରୁ ବିରଞ୍ଚିପୁରକୁ ଦ୍ରୁତ ଗତିରେ ଯାଉଥିବା ବେଳେ ଶଙ୍କରଙ୍କୁ ପଛ ପଟୁ ଧକ୍କା ଦେଇଥିଲେ। ବାଇକ୍ ମଝିରେ ବସିଥିବା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପଟ୍ଟାଧର ଗ୍ରାମର କେଶବ ନାୟକ ଆହତ ହୋଇଥିବା ବେଳେ ଅନ୍ୟ ୨ ଜଣ ଦୁର୍ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଖବର ପାଇ ବୁଗୁଡ଼ା ଦମକଳ ବାହିନୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ।

# ଉଦ୍ଭିଦ ବିଜ୍ଞାନ ବିଭାଗ ପାଠଚକ୍ର

**ବ୍ରହ୍ମପୁର ଅଫିସ,୨୫।୩**

ମହାମାୟୀ ମହିଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ଏନାଟୋମୀ ଅଫ ଏନଜିଓସ୍ପେର୍ମସ ଶୀର୍ଷକ ପାଠଚ୍ରକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଏସ.ନାରାୟଣ ରାଓ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଅମିତା କୁମାରୀ ପଣ୍ଡା ଓ ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼.ପ୍ରତିଭା ପାଣିଗ୍ରାହୀ ମଞ୍ଚାସୀନ ରହିଥିଲେ। ବିଭାଗୀୟ ଅଧ୍ୟାପିକା ସ୍ୱର୍ଣ୍ଣଲତା ପଟ୍ଟନାୟକ ଓ ପ୍ରିୟଦର୍ଶନୀ ମେକାପ ପାଠଚ୍ରକ ପରିଚାଳନା କରିଥିଲେ। ଯୁକ୍ତ ୩ ଉଦ୍ଭିଦ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀ ଉପସ୍ଥିତ ରହିଥିଲେ। ପାଠଚକ୍ର ସେକ୍ରେଟାରୀ ରୋଶନୀ ତ୍ରିପାଠୀ ଓ ମାନସୀ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ପାଠଚକ୍ରରେ ଉପସ୍ଥିତ ଅଧ୍ୟକ୍ଷ ଓ ଅଧ୍ୟାପିକା।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଜେଲଦଣ୍ଡ

**ବିଜ୍ଞାନାଗାର ଟଙ୍କା ହେରଫେର ମାମଲା**

**ବ୍ରହ୍ମପୁର ଅଫିସ,୨୫।୩**

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ବ୍ରହ୍ମପୁର ସିଟି ହାଇସ୍କୁଲ ବିଜ୍ଞାନାଗାର ଟଙ୍କା ହେରଫେର ମାମଲାର ଶୁଣାଣି କରିଛନ୍ତି। ପ୍ରମାଣ ମିଳିଥିବାରୁ ବ୍ରହ୍ମପୁର ସିଟି ହାଇସ୍କଲର ପୂର୍ବତନ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ମହାରଣାଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ରାୟ ଶୁଣାଇଛନ୍ତି। ଏଥିସହିତ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୪ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

୨୦୦୬ ଡିସେମ୍ବର ୮ ତାରିଖରେ ଭାରତର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବ୍ଦୁଲ କଲାମ ବ୍ରହ୍ମପୁର ସିଟି ହାଇସ୍କୁଲରେ ଆଧୁନିକ ବିଜ୍ଞାନାଗାର ପାଇଁ ୧୦ ଲକ୍ଷ ୭୧ ହଜାର ୧୭୬ ଟଙ୍କା ନିଜସ୍ୱ ଫଣ୍ଡରୁ ଅନୁଦାନ ଦେଇଥିଲେ। ସିଟି ହାଇସ୍କୁଲର ତତ୍କାଳୀନ ପ୍ରଧାନ ଶିକ୍ଷକ ଅରୁଣ ଚାନ୍ଦ ଦାସ ଉକ୍ତ ଟଙ୍କା ସ୍ଥାନୀୟ ଆକ୍ସିସ ବ୍ୟାଙ୍କରେ ଜମା ରଖିଥିଲେ। ତାଙ୍କ ପରେ ପ୍ରଧାନ ଶିକ୍ଷକ ଭାବେ କୁନି ପାଢ଼ୀ ଦାୟିତ୍ୱ ନେଇଥିଲେ। ଉକ୍ତ ୧୦ ଲକ୍ଷ ଟଙ୍କାରୁ ସେ ବିଜ୍ଞାନଗାର ପାଇଁ ୩ଲକ୍ଷ ୨୦ ହଜାର ଟଙ୍କାର ଯନ୍ତ୍ରପାତି କିଣିଥିଲେ। କୁନି ପାଢ଼ୀ ୨୦୦୯ ମାର୍ଚ୍ଚ ୩୧ରେ ଅବସର ଗ୍ରହଣ କରିଥିଲେ। ତାଙ୍କ ପରେ ସୂର୍ଯ୍ୟ ନାରାୟଣ ମହାରଣା ସିଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱରେ ଥିଲେ। ସେ ଗତ ୨୦୦୯ ଏପ୍ରିଲ ୧ରୁ ୨୦୧୦ ଜୁନ ୫ ତାରିଖ ଯାଏ ଦାୟିତ୍ୱରେ ରହିଥିଲେ। ସେହି ସମୟ ମଧ୍ୟରେ ସେ ଉକ୍ତ ଆଧୁନିକ ବିଜ୍ଞାନଗାର ପାଇଁ ୭ ଲକ୍ଷ ୫୧ ହଜାର୧୭୬ ଟଙ୍କାର ଯନ୍ତ୍ରପାତି କିଣିଥିଲେ। ତେବେ ସେ ୫ ଲକ୍ଷ ୧୦ ହଜାର ୦୪୭ ଟଙ୍କାର ନକଲି ବିଲ ଓ କମିଟିର ବିନା ପ୍ରସ୍ତାବ ମଞ୍ଜୁରରେ ଉକ୍ତ ଯନ୍ତ୍ରପାତି କିଣିଥିଲେ ବୋଲି ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା। ତଦନ୍ତ ବେଳେ ଗତ ୨୦୧୧ ଜାନୟାରୀ ୧୨ ତାରିଖରେ ସୂର୍ଯ୍ୟନାରାୟଣ ୨ଲକ୍ଷ ୯୦ ହଜାର ୫୪୩ ଟଙ୍କା ହେରଫେର କରିଥିବା ଜଣାପଡ଼ିଥିଲା। ଭିଜିଲାନ୍ସ ଟିମ ମାମଲା ନଂ.୩/୧୧ରେ ସୂର୍ଯ୍ୟନାରାୟଣ ମହାରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ଅନିଲ କୁମାର ପ୍ରଧାନ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ଶୁକ୍ରବାର ଅଭିଯୁକ୍ତ ସୂର୍ଯ୍ୟନାରାୟଣଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୨୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ସୁରେନ୍ଦ୍ର ପଣ୍ଡା ଓ ମୃଦୁଲାଙ୍କ ପକ୍ଷରୁ ମାଗୁଣି ପଲାଇ ମକଦ୍ଦମା ପରିଚାଳନା କରିଥିଲେ।

# ଦୁଇବର୍ଷ ପରେ ପରିବେଷଣ ହେବ ଦଣ୍ଡ

## ଗଞ୍ଜାମ ଜିଲାର ପାରମ୍ପରିକ ଲୋକନୃତ୍ୟ ଦଣ୍ଡନାଟ

ବ୍ରହ୍ମପୁର ଅଫିସ,୨୪।୩

ଗଞ୍ଜାମ ଜିଲାରେ ବୁଧବାରଠାରୁ ଆରମ୍ଭ ହେବ ଦକ୍ଷିଣ ଓଡ଼ିଶା ତଥା ଜିଲାର ପାରମ୍ପରିକ ଲୋକନୃତ୍ୟ ଦଣ୍ଡନାଟ ବା ଦଣ୍ଡଯାତ୍ରା। ଗତ ଦୁଇ ବର୍ଷ ହେବ କରୋନା ଯୋଗୁ ଦଣ୍ଡନାଟ ପରିବେଷଣ ଉପରେ କଟକଣା ଲଗାଯାଇଥିଲା।

ଦଣ୍ଡନାଟର ଉତ୍ପତ୍ତିକୁ ନେଇ ବିଭିନ୍ନ ପ୍ରକାର ମତ ପ୍ରଚଳିତ ରହିଛି। ଧାର୍ମିକ ଭାବନାନୁସାରେ ଏଥିରେ ମୁଖ୍ୟତଃ ଭାବେ ମହାଦେବ ଶିବ ଓ ମାତା କାଳୀଙ୍କ ଆରାଧନା କରାଯାଏ। ଏହାର ପୂଜାପଦ୍ଧତିରେ ଆର୍ଯ୍ୟ ଓ ଆଦିବାସୀ ସଂସ୍କୃତିର ଛାପ ରହିଛି। ଚୈତ୍ର ପର୍ଣ୍ଣମୀ ପରେ ଦଣ୍ଡନାଟ ଆରମ୍ଭ ହୁଏ। ଦଣ୍ଡନାଟରେ ମାନସିକଧାରୀ ପୁରୁଷମାନେ ଅଂଶଗ୍ରହଣ କରିଥାନ୍ତି। ଏମାନଙ୍କୁ ଦଣ୍ଡୁଆ ବା ଭୁକ୍ତା କୁହାଯାଏ। ସେହିପରି ପାଟ ଭୁକ୍ତା କୌଣସି ଦଣ୍ଡ ଦଳର ମୁଖ୍ୟ ପୂଜକ ହୋଇଥାନ୍ତି। ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦଣ୍ଡ ନାଚ ପରିବେଷିତ ହୋଇଥାଏ। ଜିଲାରେ ଅଦ୍ୟାବଧି ୨୦୦ରୁ ଊର୍ଦ୍ଧ୍ୱ ଦଣ୍ଡନାଟ ପରିବେଷଣ କରୁଥିବା ଦଳ ସକ୍ରିୟ ଅଛନ୍ତି। ଦଣ୍ଡ ଦଳ ୨୧ ଦିନିଆ, ୧୮ ଦିନିଆ ଓ ୧୩ ଦିନିଆ ଦଣ୍ଡ ପରିବେଷଣ କରିଥାନ୍ତି। ଜିଲାର ଶେରଗଡ଼ ବ୍ଲକ ଅନ୍ତର୍ଗତ କୁଲାଗଡ଼ ଦଣ୍ଡନାଟ ଦଳ ସବୁଠାରୁ ପ୍ରସିଦ୍ଧ। କୁଲାଗଡ଼ ଦଣ୍ଡନାଟରେ ୧୨୦୦ରୁ ୧୫୦୦ ପର୍ଯ୍ୟନ୍ତ ଦଣ୍ଡୁଆ ଅଂଶ ଗ୍ରହଣ କରିଥାନ୍ତି। ବିଭିନ୍ନ ସମୟରେ ପ୍ରତିଯୋଗିତାମୂଳକ ଭାବେ ଏକାଧିକ ଦଣ୍ଡ ଦଳ ଏକତ୍ର ଦଣ୍ଡ ପରିବେଷଣ କରିଥାନ୍ତି। ଏହାକୁ ଦଣ୍ଡ ମହାମିଳନ କୁହାଯାଏ।



ପାଣି ଦଣ୍ଡ ପୂର୍ବରୁ ପୁଷ୍କରିଣୀରେ ଦଣ୍ଡୁଆଙ୍କ ପୂଜାର୍ଚ୍ଚନା।

ଦଣ୍ଡନାଟର ବିଧି ପ୍ରୟୋଗ ଅତ୍ୟନ୍ତ କଷ୍ଟସାଧ। ଏଥିରେ ଅଂଶଗ୍ରହଣ କରିଥିବା ଦଣ୍ଡୁଆମାନେ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଯୋଗୀ ଆଚରଣ କରନ୍ତି। ପାଟଭୁକ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦଣ୍ଡୁଆମାନେ ଢ଼ୋଲ,ମୃଦଙ୍ଗ ଓ ଗିନି ଆଦି ବାଦ୍ୟ ଯନ୍ତ୍ରର ତାଳେ ତାଳେ ଧୂଳିଦଣ୍ଡ, ପାଣି ଦଣ୍ଡ, ବନ ଦଣ୍ଡ,ଅଗ୍ନି ଦଣ୍ଡ ନୃତ୍ୟ ପରିବେଷଣ କରନ୍ତି। ଏଥି ମଧ୍ୟରୁ ଧୂଳିଦଣ୍ଡ ଅତ୍ୟନ୍ତ କଷ୍ଟସାଧ। ଦଣ୍ଡୁଆମାନେ ଉତ୍ତପ୍ତ ଖରାରେ ୧୬ ପ୍ରକାର କୃଷି କର୍ମର ଚିତ୍ତାକର୍ଷକ ପ୍ରଦର୍ଶନ କରିଥାନ୍ତି। ସେହିପରି ଦଣ୍ଡୁଆଙ୍କ ପ୍ରସାଦ ମଧ ସ୍ୱତନ୍ତ୍ର ରହିଛି। ଦିନତମାମ ନିର୍ଜଳା ଉପବାସ ପରେ ଦଣ୍ଡ ଦଳର ସମସ୍ତ ମାନସିକଧାରୀମାନେ ସନ୍ଧ୍ୟାରେ ଆଳତି ପରେ ନବାତ ପଣା ଓ ବିଭିନ୍ନ ଫଳ ମିଶ୍ରିତ ଲିଆ ଭୋଗ ଗ୍ରହଣ କରିଥାନ୍ତି। ପ୍ରଚଳିତ ପରମ୍ପରା ଅନୁସାରେ ଅନ୍ନ ଭୋଗ ସମୟରେ କୌଣସି ପଶୁପକ୍ଷୀଙ୍କ ସ୍ୱର ମଧ ଶୁଣାଯିବା ନିଷେଧ। ଏଣୁ ନିଷାର୍ଦ୍ଧରେ ଦରସିଝା ମୁଗଡ଼ାଲି ଓ ଅରୁଆ ଚାଉଳ ପ୍ରସ୍ତୁତ ଅନ୍ନ ଭୋଗ ଗଗନ ପ୍ରକମ୍ପିତ କଲାଭଳି ବାଦ୍ୟ ଯନ୍ତ୍ରର ତାଳେ ତାଳେ ଗ୍ରହଣ କରାଯାଏ। ମହାବିଷୁବ ସଂକ୍ରାନ୍ତିରେ ଦଣ୍ଡନାଚ ଉଦ୍‌ଯାପିତ ହୁଏ। ଜିଲାରେ ଏହା ମେରୁ ସଂକ୍ରାନ୍ତି ଭାବେ ଖ୍ୟାତ। ମେରୁ ସଂକ୍ରାନ୍ତି ଦିନ ଅଗ୍ନି ଦଣ୍ଡ ଦେଖିବା ନିମନ୍ତେ ପ୍ରତ୍ୟେକ ମନ୍ଦିର ପ୍ରାଙ୍ଗଣରେ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗି ରହିଥାଏ। ମେରୁ ସଂକ୍ରାନ୍ତି ପର ଦିନ ମା' କାଳିକାଙ୍କ ନିକଟରେ ସ୍ୱତନ୍ତ୍ର ଭାବେ ଆମିଷ ଭୋଜି ଆୟୋଜିତ କରାଯାଏ। ଏହା ତୋଟା ଭୋଜି ଭାବେ ପ୍ରସିଦ୍ଧ। ଦଣ୍ଡୁଆମାନେ ଏହି ଦିନ ପଇତା ବିସର୍ଜନ କରି ତୋଟା ଭୋଜି ଖାଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରନ୍ତି। ତେବେ ଗତ କିଛି ବର୍ଷ ହେବ ଦଣ୍ଡନାଟର ପ୍ରାଚୀନ ପରମ୍ପରାକୁ ଭଙ୍ଗକରି ଏଥିରେ ଆଧୁନିକତାର ଛାପ ଦିଆଯାଉଛି। ନାଚ ପ୍ରାରମ୍ଭରେ ପୂଜାର୍ଚ୍ଚନା ସାରିବା ପରେ ମନୋରଞ୍ଜନ ଉଦ୍ଦେଶ୍ୟରେ ଅପେରା ଓ ରେକର୍ଡ ଡ୍ୟାନ୍ସ ପରିବେଷଣ କରାଯାଉଛି। କେତେକ ପୁରୁଣା କାଳିଆ ଲୋକେ ଏହାକୁ ଅପସଂସ୍କୃତି ବୋଲି ବିବେଚନା କରୁଛନ୍ତି।

## ସଂକ୍ଷେପରେ

### ବିଜେଡି ହାତରେ ରହିଲା ଜିଲା ପରିଷଦ ଉପ ସଭାପତି

ମାଲକାନଗିରି,୨୫।୩ (ଡି.ଏନ୍.ଏ.)- ମାଲକାନଗିରି ଜିଲା ପରିଷଦ ଉପସଭାପତି ଭାବେ ପତିତପାବନ ବୈଦ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ଜିଲା ପରିଷଦ ସଭାପତି ପଦ ବିଜେଡି ହାତେଇଥିବା ବେଳେ ବର୍ତ୍ତମାନ ଉପସଭାପତି ପଦ ମଧ ଦଳ ସପକ୍ଷରେ ଯାଇଛି। ଜିଲା ପରିଷଦ କାର୍ଯ୍ୟାଳୟଠାରେ ଶୁକ୍ରବାର ଉପସଭାପତି ପଦ ପାଇଁ ନିର୍ବାଚନ ହୋଇଥିଲା। ବିଜେଡିର ପତିତପାବନ ନାମାଙ୍କନପତ୍ର ଦାଖଲ କରିଥିଲେ। ଅନ୍ୟ କୌଣସି ଦଳର ପ୍ରାର୍ଥୀ ଏହି ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରି ନ ଥିଲେ। ଫଳରେ ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ବୀରସେନ ପ୍ରଧାନ ପତିତପାବନଙ୍କୁ ଜିଲା ପରିଷଦ ଉପସଭାପତି ଭାବେ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, କାଲିମେଳା ଜିଲା ପରିଷଦର ୩ ନମ୍ବର ଜୋନ୍‌ର ସଦସ୍ୟ ଭାବେ ପତିତପାବନ ନିର୍ବାଚିତ ହୋଇଥିଲେ।

### ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର

ଜୟପୁର,୨୫।୩ (ନି.ପ୍ର.)-ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁସୂଚିତ ଜାତି ଅନୁସୂଚିତ ଏବଂ ଅନୁସୂଚିତ ଜନଜାତି ଅତ୍ୟାଚାର ନିବାରଣ ଅଧିନିୟମ-୧୯୮୯ ସମ୍ପର୍କିତ ଆଇନ ସଚେତନତା ଶିବିର ଶୁକ୍ରବାର ଅନ୍‌ଲାଇନ ମାଧମରେ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସଦସ୍ୟଙ୍କ ପ୍ରତି ଅତ୍ୟାଚାର ହେଲେ ଏହାକୁ ରୋକିବା ପାଇଁ ଥିବା ନିୟମ, ଏପରି ଅପରାଧର ବିଚାର ବ୍ୟବସ୍ଥା, ପୀଡ଼ିତାଙ୍କ ଥଇଥାନ ତଥା ଆନୁଷଙ୍ଗିକ ଘଟଣା ଉପରେ ବିଚାର ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଅତିରିକ୍ତ ଜିଲାଜଜ୍ ରାଜେଶ ନାୟାର, ପୋକ୍ସୋ କୋର୍ଟ ବିଚାରପତି ପ୍ରଦୀପ ସାସମଲ, ସିଜେଏମ୍ ଦିଲୀପ ସାହୁ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ତଥା ବିଚାରପତି ଶୁଭଗୌତମ ମିଶ୍ର, ଚରଣ ଜେନା ପ୍ରମୁଖ ଉପସ୍ଥିତ ରହି ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିବାରଣ ଅଧିନିୟମ-୧୯୮୯ ଆଇନ ବିଷୟରେ ପ୍ୟାନେଲ ଆଇନଜୀବୀ, ପାରାଲିଗାଲ ସ୍ୱେଚ୍ଛାସେବୀ, ଆଇନ ସାକ୍ଷରତା କ୍ଲବର ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ।

### ଦାୟିତ୍ୱ ନେଲେ ପଞ୍ଚାୟତ ସମିତି ଅଧକ୍ଷ, ଉପାଧକ୍ଷା



କୋରୁକୋଣ୍ଡା,୨୫।୩ (ଡି.ଏନ୍.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧକ୍ଷ ଜିତୁ ବୁରୁଡି ଓ ପଞ୍ଚାୟତ ସମିତି ଉପାଧକ୍ଷା ଭାବେ ମାନସିକ ପଡିଆମି ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ମାନସିକ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପୋଟ୍ରୋଲ ପଞ୍ଚାୟତ ସମିତି ସଭ୍ୟା ରୂପେ ନିର୍ବାଚିତ ହୋଇ ପରେ ଉପାଧକ୍ଷା ହୋଇଥିଲେ। ଏହି ଅବସରରେ ବିଡିଓ ଅଂଶୁମାନ ମହାପାତ୍ରଙ୍କ ସମେତ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଜେଡି ବ୍ଲକ ସଭାପତି ସତ୍ୟ ପାଣିଗ୍ରାହୀ,ଉମା ସାହୁ, ତ୍ରିଲୋଚନ ଚୌଧୁରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମା' ଦଣ୍ଡକାଳୀଙ୍କ ୨୧ଦିନିଆ ଦଣ୍ଡଯାତ୍ରା ଆରମ୍ଭ



ଧୋବା ପୁଞ୍ଜା ପକ୍ଷରୁ ଭୁକ୍ତାମାନେ ଶିବ କାଳୀଙ୍କୁ ଧରି ସହର ପରିକ୍ରମା କରୁଛନ୍ତି।

ପୁରୁଷୋତ୍ତମପୁର,୨୫।୩(ଡି.ଏନ.ଏ.)

ଗଞ୍ଜାମ ଜିଲାର ପ୍ରସିଦ୍ଧ ମା' ଦଣ୍ଡକାଳୀଙ୍କ ୨୧ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ଗତ ତିନି ବର୍ଷ ହେଲା ମହାମାରୀ କରୋନାକୁ ନେଇ ଯାତ୍ରା ବନ୍ଦ ହୋଇଯାଇଥିବା ବେଳେ କେବଳ ପରମ୍ପରା ଅନୁସାରେ ଦେବ ନୀତି କରାଯାଇଥିଲା। ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ଅନୁମତି ମିଳିଥିବାରୁ ଭକ୍ତ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ସମଗ୍ର ପୁରୁଷୋତ୍ତମପୁର ସହରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏଠାରେ ଥିବା ତିନି ଗୋଟି ଦଣ୍ଡଯାତ୍ରା ଦଳ ଧୋବା ପୁଞ୍ଜା, ବିପତ୍ତିହାରିଣୀ ତେଲି ପୁଞ୍ଜା ଓ ଗୌଡପୁଞ୍ଜାରେ ଶତାଧିକ ମାନସିକଧାରୀ ଭୁକ୍ତା ଭାବରେ ସାମିଲ ହୋଇଛନ୍ତି। ଏମାନେ ମଧ୍ୟାହ୍ନ ଖରାରେ ଧୂଳିଦଣ୍ଡ, ନଦୀ କିମ୍ବା ପୋଖରୀରେ ପାଣିଦଣ୍ଡ ଓ ଅର୍ଦ୍ଧ ରାତ୍ରରେ ଅଗ୍ନିଦଣ୍ଡ ମାନ ପରିବେଷଣ କରିବେ। ଭୁକ୍ତାମାନେ ଘରକୁ ନ ଯାଇ ମନ୍ଦିର କିମ୍ବା ନିକାଞ୍ଚନ ସ୍ଥାନରେ ରହିବେ। ଆମ୍ବ ପତ୍ରରେ ଦାନ୍ତ ଘଷିବା ସହ ନିସ୍ତବ୍ଧ ରାତ୍ରରେ ଗୋଟିଏ ଥର ମାତ୍ର ଅକଟା ଅବଟା ଖାଦ୍ୟ ଖାଇବେ। ଏହି ଯାତ୍ରା ମେଷ ସଂକ୍ରାନ୍ତିରେ ଉଦ୍‌ଯାପିତ ହେବ।

## ଅଧା ଚିକିତ୍ସାରୁ ଘରକୁ ଫେରିଲେ ପ୍ରଭାବତୀ

ଆର.ଉଦୟଗିରି,୨୫।୩(ଡି.ଏନ.ଏ.)

ମୋହନା ବ୍ଲକ କୁରୁଣିଗଣ୍ଡା ଗ୍ରାମର ପ୍ରଭାବତୀ ବଳିୟାରସିଂଙ୍କ ଆର୍ଥିକ ସମସ୍ୟା ଯୋଗୁ ଚିକିତ୍ସା ନହୋଇ ମେଡିକାଲରୁ ଫେରିଲେ। ପରିବାର କହିଲେ ଦୁଇ ଝିଅ ଓ ଗୋଟିଏ ପୁଅ। ସ୍ୱାମୀ ଅନେକ ଦିନୁ ସଂସାର ଛାଡି ଆରପାରିକୁ ଚାଲି ଯାଇଛନ୍ତି। ପରିବାର ଚଳାଇବା ପାଇଁ ଅନେକ କଷ୍ଟ ସହି ଦାଣ୍ଡକୁ ବାହାରିଲେ ପ୍ରଭାବତୀ। ନିଜ ଗାଁ ସ୍କୁଲରେ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ମାତ୍ର ୧୪୦୦ ଟଙ୍କାରେ ରହିଲେ। ହେଲେ ତାହା ପୁଣି ୪/୫ ମାସକୁ ମିଳୁଛି। ସେଥିରେ ଦୁଇ ଝିଅଙ୍କୁ ବାହା ଦେଇ ସଂସାର ଚଳାଉଥିଲେ। ଦାନ୍ତ ଯନ୍ତ୍ରଣାରେ ହେବାରୁ ସେଥିରେ ସେପ୍ଟିପିନ ମାରିଦେଇଥିଲେ। ହେଲେ ସେ ଭାବିନ ଥିଲେ ସେହି ପୋକଦାନ୍ତ ଆଜି କର୍କଟ ରୋଗରେ ପରିଣତ ହେବ। ପ୍ରଥମେ ବ୍ରହ୍ମପୁର ବଡମେଡିକାଲରେ ଦେଖାଇବା ପରେ ସେଠାରେ ଡାକ୍ତର କଟକ ବଡମେଡିକାଲକୁ ପଠାଇଦେଲେ। କିଛିଦିନ ସେଠାରେ ଚିକିତ୍ସା ହେବାପରେ ଆର୍ଥିକ ସମସ୍ୟା ଦେଖାଦେବାରୁ ସେ ନିଜ ଗାଁକୁ ଫେରିଆସିଲେ। ପ୍ରତ୍ୟେକ ଦିନ ତାଙ୍କ ପାଇଁ ଔଷଧ ଓ ଇଞ୍ଜେକ୍ସନ ଆବଶ୍ୟକ ପଡୁଛି।



ପ୍ରଭାବତୀ ବଳିୟାରସିଂ।

ଆହାର କହିଲେ ତୋରାଣି ପାଣି ଅବା କିଛି ତରଳ ଖାଦ୍ୟ ନେଉଛନ୍ତି। ତାଙ୍କ ସେବା ସୁଶ୍ରୁସା କରିବା ପାଇଁ ଘରେ କିଏ ନଥିବା ବେଳେ ଦୁଇଝିଅ ୧୫/୧୫ ଦିନ ପାଳିକରି ଆସନ୍ତି। ଛୋଟ ପୁଅ ଯେ କି ପାଠ ପଢ଼ିବା ବୟସରେ ଗାଁରେ ଅନ୍ୟମାନଙ୍କ ସହ କୁଲି କାମକୁ ଯାଇ କିଛି ପଇସା ଆଣି ଗୁଜାରଣ ମେଣ୍ଟାଉଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ। ଏପରିକି ସେମାନେ ରହୁଥିବା ଘର ମଧ ନିଜର ନାହିଁ ବୋଲି କହିଛନ୍ତି ଗାଁ ଲୋକେ। ତେବେ ସରକାର ସାହାଯ୍ୟ ଲାଗି ପ୍ରଭାବତୀ ନିବେଦନ କରିଛନ୍ତି।

## ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

ଗୋପାଳପୁର,୨୫।୩(ଡି.ଏନ.ଏ.)

ଗୋଲନ୍ଥରା ଥାନା ପୋଲିସ ଗୁରୁବାର ଝୁଲନ୍ତା ଅବସ୍ଥାରେ ଜଣେ ନାବାଳକଙ୍କ ମୃତଦେହ ଜବତ କରିଛି। ମୃତ ନାବାଳକ ଜଣକ ହେଲେ କାଳିଆ ରଣା (୧୩)। ଏହି ଥାନା ଅନ୍ତର୍ଗତ କୋଲଥି ଗାଁର ଦାଶରଥି ରଣା ଦୁମୁଦୁମି ଗାଁ ଶିବ ମନ୍ଦିରର ପୂଜାରୀ। ଗୁରୁବାର ସେ ଓ ତାଙ୍କ ପୁଅ କାଳିଆ ମିଶି ଦୁମୁଦୁମିରେ ଥିବା ଏକ ଶିବ ମନ୍ଦିରକୁ ପୂଜା କରିବା ପାଇଁ ଆସିଥିଲେ। କୌଣସି ଏକ କାମ ନେଇ ଦାଶରଥି ଘରକୁ ଚାଲିଆସିଥିଲେ। କିଛି ସମୟ ପରେ ତାଙ୍କ ପୁଅ ପିନ୍ଧିଥିବା ପୂଜା ମଠାର ଗାମୁଛା ବେକରେ ଲଗାଇ ମନ୍ଦିର ମଣ୍ଡପରେ ଝୁଲିପଡ଼ିଥିଲେ। ଅଞ୍ଚଳର ଜଣେ ଭକ୍ତ ମନ୍ଦିରକୁ ଆସି ନାବାଳକଙ୍କୁ ଝୁଲୁଥିବା ଦେଖିଥିଲେ। ଖବର ପାଇ ଗୋଲନ୍ଥରା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ ମେଡ଼ିକାଲକୁ ପଠାଇଥିଲା। ଏନେଇ ନଂ. ୭/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଅପରପକ୍ଷରେ ପୁଅକୁ ଦୁର୍ବୃତ୍ତମାନେ ହତ୍ୟା କରିଥିବା ନେଇ ଦାଶରଥି ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଗୋଲନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ ଚାଲିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପାରଳାଖେମୁଣ୍ଡି,୨୫।୩

ମୋହନା ବ୍ଲକ ଅନ୍ତର୍ଗତ ଅଡବା ହାଇସ୍କୁଲଠାରେ ଭୀମ ଭୋଇ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦୁର୍ଗମ ଅଞ୍ଚଳର ୧୫ ପଞ୍ଚାୟତର ଲୋକେ ଯୋଗ ଦେଇଥିଲେ। ଏଥିରେ ମୋହନା ବ୍ଲକ ବିଡିଓ ତପସ୍ୱିନି ହାସଁଦା ଯୋଗଦେଇ ସଭାପତିତ୍ୱ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ କଲ୍ୟାଣୀ ଦାସ, ମୋହନା ଶିଶୁ ବିକାଶ ଅଧିକାରୀ ଲଳିତା ମଲ୍ଲିକ, ଡାକ୍ତର ସନ୍ତୋଷ ପ୍ରମୁଖ ମଞ୍ଚାସୀନ ଥିଲେ। ଭତ୍ତା ବାବଦରେ ୧୨, ୪୯ଜଣଙ୍କୁ ଋଣ ପ୍ରଦାନ, ୬୧ ଦୃଷ୍ଟି ବାଧିତଙ୍କୁ ସହାୟତା, ମାନସିକ ଦିବ୍ୟାଙ୍ଗ ୩୮, ଆବାସ ଯୋଜନାରେ ୩୭, ବସ କନସେସ୍ସନ ୬୨, ବାଣୀ ଶିକ୍ଷା ବୃତ୍ତି ୧୮, ଦିବ୍ୟାଙ୍ଗ ଉପକରଣ ୨୨ଜଣଙ୍କୁ, ୧୯୦ ଶାରୀରିକ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସରକାରୀ ଯୋଜନାର ସହାୟତା ପ୍ରଦାନ କରାଯାଇଛି।

## ଟିକିଟି ଡିଭିଜନରେ ମିଶିବ ବାଘଲଟି ଜଳସେଚନ ଡିଭିଜନ କାର୍ଯ୍ୟାଳୟ

ପାତ୍ରପୁର,୨୫।୩(ଡି.ଏନ.ଏ.)

ବାଘଲଟି ଜଳସେଚନ ଡିଭିଜନ କାର୍ଯ୍ୟାଳୟ ଆସନ୍ତା ମାସ ପହିଲାରୁ ବନ୍ଦ ହେବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ବାଘଲଟିଠାରେ କେନାଲ ସବ୍‌ଡିଭିଜନ କାର୍ଯ୍ୟାଳୟ ରହି ଟିକିଟି ଡିଭିଜନ ଅଧୀନରେ କାର୍ଯ୍ୟ ସମ୍ପାଦନ କରିବା ନିଷ୍ପତ୍ତି ନିଆଯାଇଛି। ବାଘଲଟିଠାରେ ମଧମ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ଡିଭିଜନ ଆରମ୍ଭ ହୋଇଥିଲା। ପ୍ରଥମେ କେନାଲ ସବ୍ ଡିଭିଜନ କାର୍ଯ୍ୟ ଆରମ୍ଭ ପରେ ପରବର୍ତ୍ତୀ ସମୟରେ ସ୍ପିଲୱେ ଏବଂ ଡ୍ୟାମ ସବଡିଭିଜନ କାର୍ଯ୍ୟାଳୟ ଖୋଲିଥିଲା। ଏହି ଡିଭିଜନ ଅଧୀନରେ ବାଘଲଟି କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ଏବେ ସମ୍ପୂର୍ଣ୍ଣ ହୋଇଛି। ଖରିଫ ଓ ରବି ଚାଷ ପାଇଁ ପ୍ରାୟ ୬ ହଜାର ହେକ୍ଟର ଜମିକୁ ଦୁଇଟି କେନାଲ ମାଧମରେ ଜଳସେଚିତ କରାଯାଉଛି। ବାଘଲଟି ଜଳସେଚନ ଡିଭିଜନ କାର୍ଯ୍ୟାଳୟକୁ ବନ୍ଦ କରିବା ଓ ଏହାକୁ ଟିକିଟି ଡିଭିଜନରେ ମିଶ୍ରଣ ପାଇଁ ଚିଫ୍ ଇଞ୍ଜିନିୟର ନିର୍ଦ୍ଦେଶ ଦେଇଥିଲେ।

### ପୌର ନିର୍ବାଚନ ଫଳାଫଳ

## ଆଜି ଇଭିଏମ୍‌ରୁ ଖୋଲିବ ଭାଗ୍ୟ

ହିଞ୍ଜିଳିକାଟୁ, ୨୫।୩(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ପୌର ପରିଷଦ ନିର୍ବାଚନରେ ଅଧକ୍ଷ ପ୍ରାର୍ଥୀ ତଥା ୱାର୍ଡସଭ୍ୟଙ୍କ ଫଳାଫଳ ଇଭିଏମ୍‌ରେ ବନ୍ଦ ରହିଛି। ଶନିବାର ପୌର ଭୋଟ ଗଣତି ପରେ ଖୋଲିବ ପ୍ରାର୍ଥୀଙ୍କ ଭାଗ୍ୟ। ଗୁରୁବାର ନିର୍ବାଚନ ପରେ ଇଭିଏମ୍‌ଗୁଡ଼ିକୁ କଡ଼ା ସୁରକ୍ଷା ବଳୟରେ ହିଞ୍ଜିଳିକାଟୁ ପୌର କାର୍ଯ୍ୟାଳୟର ସ୍ୱତନ୍ତ୍ର ୩ କୋଠରିରେ ସିଲ୍ କରି ରଖାଯାଇଥିଲା। ଶନିବାର ପୂର୍ବାହ୍ନ ୮ରୁ ହିଞ୍ଜିଳିକାଟୁ ପୌର ନିର୍ବାଚନର ଇଭିଏମ୍‌ଗୁଡ଼ିକୁ ଗଣତି ହେବ। ଏକକାଳୀନ ୫ ଅଧକ୍ଷ ଇଭିଏମ୍ ଓ ୫ଟି ୱାର୍ଡର ଇଭିଏମ୍‌ର ଗଣନା କରାଯିବ। ମୋଟ୍ ୫ ରାଉଣ୍ଡ ଗଣତି ଫଳାଫଳ ନିର୍ଣ୍ଣୟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀଙ୍କ ଅଫିସ ସୂତ୍ରରୁ ପ୍ରକାଶ। ହିଞ୍ଜିଳିକାଟୁ ପୌର ପରିଷଦର ମୋଟ୍ ୨୧ ୱାର୍ଡ ମଧ୍ୟରୁ ୭ଟି ୱାର୍ଡରେ ବିଜେଡି ସଭ୍ୟାସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅଧକ୍ଷ ପଦବୀ ପାଇଁ ୬ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି।

## ଅବ୍ୟବସ୍ଥାରେ ଶେଷ ହେଲା ଜନଶୁଣାଣି କାର୍ଯ୍ୟକ୍ରମ

ଦାରିଙ୍ଗବାଡ଼ି,୨୫।୩(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ୨୦୨୧ ଏବଂ ୨୦୨୨ ଆର୍ଥିକ ବର୍ଷର ଶେଷ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥାନୀୟ ବିଡିଓ ଗଦାଧର ପାତ୍ରଙ୍କ ଅଧକ୍ଷତାରେ ହୋଇଯାଇଛି। ଏଥିରେ ନବନିର୍ବାଚିତ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ବାଲିଗୁଡ଼ା ଉପଜିଲାପାଳ ଦୁଃଖବନ୍ଧୁ ନାୟକ, ଉପାଧକ୍ଷା ସସ୍ମିତା ପ୍ରଧାନ ଏବଂ ଓଡ଼ିଶା ଜୀବିକା ମିଶନର ବିପିଏମ୍ ପିଣ୍ଟୁ ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏପିଓ ତ୍ରିନାଥ ନାୟକ ପରିଚାଳନା ସହ ତଦାରଖ କରିଥିଲେ। ବ୍ଲକ ଅଞ୍ଚଳର ୨୫ ପଞ୍ଚାୟତରେ କରାଯାଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ସମସ୍ତ ଲକ୍ଷ୍ୟ ଏବଂ ଜୁନ୍ ମାସଠାରୁ ଏବେ ସୁଦ୍ଧା କରାଯାଇଥିବା ଏହି ଯୋଜନାର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ହେଲେ ନୂତନ ଭାବେ ପଞ୍ଚାୟତସ୍ତରରେ ନିର୍ବାଚିତ ହୋଇଥିବା ସରପଞ୍ଚ, ସମିତିସଭ୍ୟ ଏବଂ ଏକାଧିକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଇଁ ଆବଶ୍ୟକ ଚୌକିର ଅଭାବ ଯୋଗୁ ସେମାନେ କାର୍ଯ୍ୟକ୍ରମରେ ବହୁ ସମୟ ଧରି ଠିଆ ହୋଇ ରହିଥିଲେ। ପ୍ରଶାସନର ଏଭଳି କାର୍ଯ୍ୟକ୍ରମ ଅବ୍ୟବସ୍ଥାରେ କରାଯାଉଥିବାରୁ ଜନପ୍ରତିନିଧିଙ୍କ ସମେତ ବ୍ଲକ ଅଧକ୍ଷ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏମିତି ଅବ୍ୟବସ୍ଥା ଯେପରି ନ ହେବ ସେଥିପ୍ରତି ସେ ପ୍ରଶାସନକୁ ତାଗିଦ୍ କରିଛନ୍ତି। ସେହିପରି ଏବେ ପ୍ରଚଣ୍ଡ ଖରା ହେଉଥିବା ବେଳେ କାର୍ଯ୍ୟକ୍ରମରେ ପିଇବା ପାଣିର ବ୍ୟବସ୍ଥା କରାଯାଇ ନ ଥିଲା ଏବଂ ଅତି ନିମ୍ନମାନର ଟେଣ୍ଟ ପକାଯାଇଥିଲା। ଫଳରେ ବହୁ ହିତାଧିକାରୀ ସେମାନଙ୍କ ଅଭିଯୋଗ କରିବାକୁ ଆସି ସ୍ଥାନ ଅଭାବରୁ ଖରା ଯୋଗୁ ନିରାଶ ହୋଇ ଫେରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ବୈଠକ ସମ୍ପର୍କିତ ଫ୍ଲେକ୍ସ ଆଣି ଲଗାଯାଇଥିଲା। ଏ ସମ୍ପର୍କରେ ଏପିଓ କହନ୍ତି ଯେ, ଚୌକି ଗୁଡ଼ିକ କାର୍ଯ୍ୟାଳୟର ବୈଠକ ଗୃହରେ ରହିଥିଲା ଏବଂ ସମସ୍ତ ଚୌକି ଅଣାଯାଇ ନ ଥିବାରୁ ଏଭଳି ସମସ୍ୟା ହୋଇଥିବା ସ୍ୱୀକାର କରିଛନ୍ତି । ସେହିପରି ଆଗକୁ ଏଭଳି ଟେଣ୍ଟ ଯେଭଳି ନ ହେବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି କହିଛନ୍ତି। ପ୍ରକାଶ ଯେ, ବୈଠକରେ ଉପଜିଲାପାଳ ନାୟକ ଏବଂ ବିଡିଓ ପାତ୍ର ଉପସ୍ଥିତ ଲୋକଙ୍କୁ ଏହି ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ଏହାର ଆଇନ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ତଦାରଖ ପାଇଁ ଆଇଆଇସି କୌଶିକ ମାଝି ସଦଳବଳ ଉପସ୍ଥିତ ଥିଲେ।




ନବନିର୍ବାଚିତ ଜନପ୍ରତିନିଧି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାର ଏବଂ ହିତାଧିକାରୀମାନେ ଠିଆ ହୋଇଛନ୍ତି।

## ଜଙ୍ଗଲ ନିଆଁକୁ ଆୟତ୍ତ କଲେ ବନ କର୍ମଚାରୀ

ଆର.ଉଦୟଗିରି,୨୫।୩(ଡି.ଏନ.ଏ.)

ମୋହନା ସେକ୍ସନ ଅନ୍ତର୍ଗତ ଭାଲିଆଗୁଡ଼ା ଜଙ୍ଗଲରେ ବନପାଳଙ୍କ ସମେତ ବନ କର୍ମଚାରୀ ଓ ଅଗ୍ନି ପ୍ରତିରୋଧ ବାହିନୀ ଦ୍ୱାରା ଜଙ୍ଗଲ ନିଆଁ ନିୟନ୍ତ୍ରଣ କରାଯାଇଛି। ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀଙ୍କ ସମେତ ନିଆଁ ପ୍ରତିରୋଧ ବାହିନୀ ଜଙ୍ଗଲରେ ନିଆଁ ନ ଲଗେଇବା ପାଇଁ ସ୍ଥାନୀୟ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏଥିସହ ଜଙ୍ଗଲ ମଧ୍ୟକୁ ନିଆଁ ପ୍ରବେଶ ନ କରିବା ପାଇଁ ଫାୟାର ଲାଇନ କଟେଇ କାର୍ଯ୍ୟ ବିଭିନ୍ନ ଜଙ୍ଗଲରେ କରାଯାଉଛି। ବନପାଳ କଳ୍ପନା ନାୟକଙ୍କ ସହ ସମସ୍ତ କର୍ମଚାରୀ ବିଭିନ୍ନ ସରଞ୍ଜାମ ଧରି ନିଆଁକୁ ଆୟତ୍ତ କରିଥିଲେ।

## ଦଣ୍ଡକାଳୀଙ୍କ ଯାତ୍ରା ଆରମ୍ଭ

ହିଞ୍ଜିଳିକାଟୁ,୨୫।୩(ଡି.ଏନ୍.ଏ)

୨ ବର୍ଷ କରୋନା କଟକଣା ପରେ ଚଳିତ ବର୍ଷ ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ବଡ଼ ପୁଞ୍ଜା, ସାନପୁଞ୍ଜା ଓ ବ୍ଲକର ବିଭିନ୍ନ ଅଞ୍ଚଳରେ ମା' ଦଣ୍ଡକାଳୀଙ୍କ ୨୧ ଦିନିଆ ଯାତ୍ରା ଶୁକ୍ରବାର ଆରମ୍ଭ ହୋଇଛି। ହିଞ୍ଜିଳି ବଡ ପୁଞ୍ଜା ଓ ସାନ ପୁଞ୍ଜା ପକ୍ଷରୁ ଶୁକ୍ରବାର ଭୋର୍‌ରେ ନୀତି ନିୟମ ପ୍ରକାରେ ଦଣ୍ଡକାଳୀ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ପୂର୍ବାହ୍ନ ୨ ପୁଞ୍ଜା ଦଣ୍ଡକାଳୀ ଦଳ ପ୍ରଭା, ନାଗ, ଫାଶ, ଦଣ୍ଡ, ଗୌରୀବେତ, ମୟୂରଚନ୍ଦ୍ରିକା ପୁଚ୍ଛ, ଚମ୍ପାବର, ପତକା, ଢୋଲ, ମହୁରୀ, ଘଣ୍ଟ ବଜାଇ ଭୁକ୍ତାମାନେ ସହରର ବିଭିନ୍ନ ଅଞ୍ଚଳ ବୁଲିଥିଲେ। ମଧ୍ୟାହ୍ନରେ ଧୂଳିଦଣ୍ଡ ପରେ ଜଳଦଣ୍ଡପରେ ସନ୍ଧ୍ୟାରେ ଆଳତୀ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ମଧରାତିରେ ଅଗ୍ନିଦଣ୍ଡ ଓ ଦଣ୍ଡ ସୁଆଙ୍ଗ ପାଇଁ ଅନୁମତି ମିଳିଛି।

## ରାଜଶ୍ରୀ ବିକ୍ରମଦେବ ୱାର୍କର୍ସ କ୍ଲବର ନୂତନ କର୍ମକର୍ତ୍ତା

କୋରାପୁଟ,୨୫।୩(ସ୍ୱ.ପ୍ର.)

କୋରାପୁଟସ୍ଥିତ ଅତିଥିଭବନଠାରେ ଶୁକ୍ରବାର ରାଜଶ୍ରୀ ବିକ୍ରମଦେବ ୱାର୍କର୍ସ କ୍ଲବ ଓ ଲେଡିଜ ୱାର୍କର୍ସ କ୍ଲବର ମିଳିତ ଆନୁକୂଲ୍ୟରେ କ୍ଲବର ନୂତନ କର୍ମକର୍ତ୍ତା ମୋନନୀତ ହୋଇଯାଇଛି । କ୍ଲବର ରାୟଗଡା ଜିଲା ସଭାପତି ଟି. ଜୟରାମଙ୍କ ଅଧକ୍ଷତାରେ ହୋଇଥିବା ଏହି ନିର୍ବାଚନକୁ ପୂର୍ବତନ ଜିଲା ଗଭର୍ଣ୍ଣର ସତ୍ୟବାଦୀ ପାଢୀ ଓ ଅଭିମନ୍ୟୁ ନାୟକ ପରିଚାଳନା କରିଥିଲେ । ଏହି ଅବସରରେ ସହରର ପୁଜାରିପୁଟ ଅଞ୍ଚଳର ୧୦୩ ବର୍ଷର ବୃଦ୍ଧା ବି. ଅନ୍ନପୂର୍ଣ୍ଣା ଏବଂ ସାମାଜିକ କର୍ମୀ ଲଳିତ ମୋହନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା । ନିର୍ବାଚିତ କର୍ମକର୍ତ୍ତାମାନେ ହେଲେ ସଭାପତି ଜଗନ ମୋହନ ସାହୁ, ଉପସଭାପତି ଗୋପାଳ ଚନ୍ଦ୍ର ପାଢୀ, ସମ୍ପାଦକ ଲଳିତ ମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଏମଭି ରମଣ, କୋଷାଧକ୍ଷ ଅକ୍ରୁର ଚରଣ ବାରିକ। କ୍ଲବର ପରାମର୍ଶଦାତା ଭାବେ ରଘୁନାଥ ଦାସ, ବିଜୟ ପଟ୍ଟନାୟକ, ଶିବ ପ୍ରସାଦ ଗନ୍ତାୟତ ମନୋନୀତ ହୋଇଥିଲେ। ସେହିପରି ରାଜଶ୍ରୀ ବିକ୍ରମଦେବ ଲେଡିଜ ୱାର୍କର୍ସ କ୍ଲବର ସଭାପତି ଭାବେ ପଦ୍ମା ଶାସ୍ତ୍ରୀ, ସମ୍ପାଦିକା କଲ୍ୟାଣୀ ଗନ୍ତାୟତ, ଜି. ଇନ୍ଦିରା, ସୁଶୀଳା ବେହେରା, ଭାନୁମତୀ ବିଶ୍ୱାସ, ସ୍ନେହଲତା ସାହୁ, ସୁପ୍ରଭା ଗୌଡ ପି. ପ୍ରମିଳା ପ୍ରମୁଖ ମନୋନୀତ ହୋଇଛନ୍ତି।

## ନାବାଳିକା ବଳାତ୍କାରୀଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ

ରାୟଗଡ଼ା ଅଫିସ,୨୫।୩

ରାୟଗଡ଼ା ଅତିରିକ୍ତ ଜିଲା ଏବଂ ଦୌରାଜଜ୍ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଦଣାଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ରାୟଗଡ଼ା ଜିଲା ଦୋରାଗୁଡ଼ା ଥାନା ଅଞ୍ଚଳରେ ୨୦୧୫ ଜୁନ୍ ୮ ରେ ଜଣେ ୧୪ ବର୍ଷୀୟା ନାବାଳିକା ରାତିରେ ଘରେ ଶୋଇଥିବାବେଳେ ଉକ୍ତ ଥାନା ଅଞ୍ଚଳର କୁନା ଝୋଡ଼ିଆ ତାଙ୍କୁ ଉଠାଇ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଦୋରାଗୁଡ଼ା ଥାନାରେ ଏ ନେଇ ୬୦/୧୫ ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲା। ଶୁକ୍ରବାର କୋର୍ଟରେ ମାମଲାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍ ଗଣେଶ୍ୱର ପତି ରାୟ ଅଭିଯୁକ୍ତଙ୍କୁ ଦଣ୍ଡ ଶୁଣାଣି କରିଛନ୍ତି। ଜରିମାନା ନ ଦେଲେ ଅଭିଯୁକ୍ତ ଅଧିକ ୩ ମାସ ଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଆଇନଜୀବୀ ବିରଜା ପ୍ରସାଦ ପାତ୍ର ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଉମାକାନ୍ତ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

